# NATIONAL NEWS BULLETIN (ODIA)

**28 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆଚାର୍ଯ୍ୟ ବିଦ୍ୟାନନ୍ଦଜୀ ମହାରାଜଙ୍କ ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ଓଡ଼ିଶାରେ କାର୍ଯ୍ୟକ୍ଷମ ହେବ ୩୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ୨ଟି ନୂତନ କୋଇଲା ଖଣି

- ଆକାଶବାଣୀର ମନ୍‌କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଦେଶବାସୀଙ୍କ ସହ କରିବେ ଭାବ ବିନିମୟ

- ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲେ ତିନି ରଥ

–ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ମଣ୍ଡପ ବିଜେ

ଏବଂ

- ୧୯ ବର୍ଷରୁ କମ୍ ପୁରୁଷ ବର୍ଗ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୬ ଓ୍ୱିକେଟରେ ପରାସ୍ତ କଲା ଭାରତ

## ପିଏମ୍-ଆଚାର୍ଯ୍ୟ

ମହାନ ଜୈନ ଦୃଷ୍ଟିଭଙ୍ଗୀ ଯୁବବର୍ଗଙ୍କୁ ଭାରତୀୟ ପରମ୍ପରା ସହିତ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଆଚାର୍ଯ୍ୟ ବିଦ୍ୟାନନ୍ଦଜୀ

ମହାରାଜଙ୍କ ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

**V/O**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ  ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା ଓ ଡାକ ଟିକଟକୁ ମଧ୍ୟ ଉନ୍ମୋଚନ କରିଛନ୍ତି । ଆଚାର୍ଯ୍ୟ ବିଦ୍ୟାନନ୍ଦଜୀଙ୍କ ୧୦୦ତମ ଜନ୍ମବାର୍ଷିକୀକୁ ସମ୍ମାନ ଜଣାଇବା ଲକ୍ଷ୍ୟ ନେଇ ଭଗବାନ ମହାବୀର ଅହିଂସା ଭାରତୀ ଟ୍ରଷ୍ଟ ସହଯୋଗରେ ସରକାରଙ୍କ ପକ୍ଷରୁ ଏହି ବର୍ଷବ୍ୟାପୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଆଚାର୍ଯ୍ୟ ବିଦ୍ୟାନନ୍ଦ ଜୈନ ସଂପ୍ରଦାୟର ଜଣେ ଆଧ୍ୟାତ୍ମିକ ଗୁରୁ ଏବଂ ସମାଜସଂସ୍କାରକ ଥିଲେ । ଜୈନ ଦର୍ଶନ ଏବଂ ନୀତିଶାସ୍ତ୍ର ଉପରେ ସେ ୫୦ରୁ ଅଧିକ ପୁସ୍ତକ ରଚନା କରିଛନ୍ତି । ଦେଶରେ ପ୍ରାଚୀନ ଜୈନ ମନ୍ଦିରଗୁଡ଼ିକର ପୁନରୁଦ୍ଧାର, ଶିକ୍ଷା, ପ୍ରାକୃତିକ ସମ୍ପଦ, ଜୈନ ଦର୍ଶନ ଏବଂ ଶାସ୍ତ୍ରୀୟ ଭାଷାର ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ । ସମଗ୍ର ଦେଶରେ ଏହି ବର୍ଷବ୍ୟାପୀ ସମାରୋହ ପାଳନ ଅବସରରେ ଆଚାର୍ଯ୍ୟ ବିଦ୍ୟାନନ୍ଦଜୀଙ୍କ ଜୀବନାଦର୍ଶ, ତାଙ୍କର ବାର୍ତ୍ତା ପ୍ରସାର ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

---

# ନିଉ କୋଲ୍‌ମାଇନ୍ସ

କୋଲ୍ ଇଣ୍ଡିଆର ସହାୟକ କମ୍ପାନୀ ମହାନଦୀ କୋଲ୍‌ଫିଲ୍‌ଡ ଲିମିଟେଡ୍-ଏମ୍‌ସିଏଲ୍ ଦ୍ୱାରା ଓଡ଼ିଶାରେ ୩୫ ନିୟୁତ ଟନ୍ କ୍ଷମତାବିଶିଷ୍ଟ ୨ଟି ନୂତନ କୋଇଲା ଖଣି କାର୍ଯ୍ୟକ୍ଷମ ହେବ । ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ. କାଓଲ୍ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ସୁଭଦ୍ରା ଖଣି ଏବଂ ବଳଭଦ୍ର ଖଣି ନାମରେ ଏହି ଦୁଇଟିଯାକ  କୋଇଲାଖଣି କାର୍ଯ୍ୟକ୍ଷମ ହେବ । ଓଡ଼ିଶାର ସମ୍ବଲପୁରସ୍ଥିତ

କମ୍ପାନୀ ମୁଖ୍ୟାଳୟରେ ଗଣମାଧ୍ୟମକୁ ଶ୍ରୀ କାଓଲ୍ ଏହି ସୂଚନା ପ୍ରଦାନ କରିଛନ୍ତି ।

ଅନୁଗୁଳ ଜିଲ୍ଲାର ତାଳଚେର କୋଇଲା କ୍ଷେତ୍ରଗୁଡ଼ିକରେ ଏହି ଦୁଇଟିଯାକ ଖଣି କାର୍ଯ୍ୟକ୍ଷମ କରାଯିବ ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସୁଭଦ୍ରା ଖଣିରୁ ବାର୍ଷିକ ୨୫ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୨୯-୩୦ ଆର୍ଥିକବର୍ଷ ସୁଦ୍ଧା ବଳଭଦ୍ର ଖଣିରୁ ୧୦ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି । ଶ୍ରୀ କାଓଲ କହିଛନ୍ତି, ଦେଶରେ କୋଇଲା ଉତ୍ପାନଦକୁ ବୃଦ୍ଧି କରିବା ଏବଂ ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏମ୍‌ସିଏଲ୍‌ର ଦୀର୍ଘକାଳୀନ ଯୋଜନାର ଏହା ଅଂଶ ହେବ । ତାଳଚେର କୋଇଲା କ୍ଷେତ୍ର ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ କୋଇଲା ଉତ୍ତୋଳନ କ୍ଷେତ୍ର ଭାବରେ ପରିଗଣିତ । ପୂର୍ବରୁ ଏମ୍‌ସିଏଲ୍ ଦ୍ୱାରା ୧୮ଟି ଖଣି କାର୍ଯ୍ୟକ୍ଷମ କରାଯାଇଛି । ସେଥିମଧ୍ୟରେ ଓଡ଼ିଶାର ଭୁବନେଶ୍ୱରୀୟ, ଜଗନ୍ନାଥ, ହିଙ୍ଗୁଳା, ଲିଙ୍ଗରାଜ ଏବଂ ତାଳଚେର କୋଇଲାଖଣି ଅନ୍ତର୍ଭୁକ୍ତ । ଦେଶର ବର୍ଦ୍ଧିତ କୋଇଲା ଚାହିଦାକୁ ଏହି ନୂତନ ଖଣି ଦ୍ୱାରା ପୂରଣ କରାଯାଇ ପାରିବ ବୋଲି ଶ୍ରୀ କାଓଲେ ଆଶାବ୍ୟକ୍ତ କରିଛନ୍ତି ।

---

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତର ଏହା ହେବ ୧୨୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଗ୍ୟାଙ୍ଗ ରେପ୍

କୋଲକାତାର ଆଇନ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ପଶ୍ଚିମବଙ୍ଗ ପୁଲିସ୍ ଆଜି ଜଣେ ସୁରକ୍ଷାକର୍ମୀକୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଉଛି । ପୂର୍ବରୁ ଏହି ଘଟଣାରେ ପୋଲିସ୍ ୨ ଜଣ ବର୍ତ୍ତମାନର ଛାତ୍ର ଏବଂ ଜଣେ ପୂର୍ବତନ ଛାତ୍ରଙ୍କୁ ମିଶାଇ ୩ ଜଣଙ୍କୁ ଗିରଫ କରିଥିଲା । ମଙ୍ଗଳବାର ପର୍ଯ୍ୟନ୍ତ ସେମାନଙ୍କୁ ପୋଲିସ୍ ହେପାଜତରେ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି କଥିତ ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ଟିଏମ୍‌ସି ସରକାରଙ୍କ ସହିତ ଜଡ଼ିତ ଅଭିଯୋଗରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆଜି ପ୍ରତିବାଦ ସଭାର ଆୟୋଜନ କରାଯାଇଛି ।

## ରଥଯାତ୍ରା

ପୁରୀ ବଡ଼ଦାଣ୍ଡରେ ଗତକାଲି ଅଟକି ରହିଥିବା ତିନୋଟିଯାକ ରଥକୁ ଆଜି ସକାଳୁ ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣିନେଇଛନ୍ତି । ସକାଳ ସାଢ଼େ ୯ଟାରୁ ରଥଟଣା ଆରମ୍ଭ ହୋଇଥିଲା ।  ଆମ ପ୍ରତିନିଧି ଦେଇଥିବା ସୂଚନା ଅନୁଯାୟୀ ତିନୋଟିଯାକ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିସାରିଛନ୍ତି । ବଡ଼ଭାଇ ପ୍ରଭୁ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗତକାଲି ବଳଗଣ୍ଡି ଛକରେ ଅଟକି ରହିଥିବା ବେଳେ ଭଉଣୀ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମାର୍କେଟ ଛକରେ ଅଟକି ରହିଥିଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କର ନନ୍ଦିଘୋଷ ରଥ ସିଂହଦ୍ୱାର ସମ୍ମୁଖରେ ହିଁ ଅଟକି ଥିଲା । ଆଜି ସେହିଠାରୁ ରଥଟଣା ଆରମ୍ଭ ହୋଇଥିଲା । ରଥ ଉପରେ ପରମ୍ପରା ଅନୁଯାୟୀ  ମଙ୍ଗଳ ଆଳତୀ, ଠାକୁରଙ୍କର ବେଶ ସହ ତଡ଼ପଲାଗି ନୀତି

ଅନୁଷ୍ଠିତ ହୋଇଥିଲା । ରଥ ଉପରେ ଶ୍ରୀଜୀଉଙ୍କର ଆଜି ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତି ଗୁଣ୍ଡିଚା ମନ୍ଦିର ଅଡପ ମଣ୍ଡପକୁ ବିଜେ କରିବେ ।

---

## ପିଏମ୍ – ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଜୁଲାଇ ମାସ ୨ ତାରିଖରୁ ୮ ଦିନ ଲାଗି ଘାନା, ତ୍ରିନିଦାଦ ଓ ଟବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ୍ ଏବଂ ନାମିବିୟା ଗସ୍ତରେ ଯିବେ । ପ୍ରଥମ ଚରଣରେ ଶ୍ରୀ ମୋଦୀ ଘାନା ଗସ୍ତ କରିବେ । ଏହି ଗସ୍ତ ଅବସରରେ ସେ ଘାନାର ରାଷ୍ଟ୍ରପତିଙ୍କ ସହିତ ଅର୍ଥନୈତିକ, ଶକ୍ତି ଓ ପ୍ରତିରକ୍ଷା ସହଯୋଗ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିବେ ।

ଏହା ପରେ ତିନି ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତ୍ରିନିଦାଦ ଓ ଟବାଗୋ ଗସ୍ତ କରିବେ । ଏହି ଅବସରରେ ସେ ସେଠାକାର ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପର୍‌ସାଦ୍-ବିସେସାର୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ତ୍ରିନିଦାଦ ଓ ଟବାଗୋର ଯୁଗ୍ମ ସଂସଦୀୟ ଅଧିବେଶନରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୪ ତାରିଖ ଦିନ ଆର୍ଜେଣ୍ଟିନାରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଠାକାର ପ୍ରଧାନମନ୍ତ୍ରୀ ମିଲେଇଙ୍କ ସହିତ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, କୃଷି, ଖଣି ଖନନ ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି କ୍ଷେତ୍ରରେ ଦୁଇ ଦେଶ

ମଧ୍ୟରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀ ୨୦୨୫ରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ଜୁଲାଇ ୫ ତାରିଖରେ ବ୍ରାଜିଲ୍‌ରେ ପହଞ୍ଚିବେ । ଏହି ସମ୍ମିଳନୀ ବ୍ରାଜିଲର ରିଓ-ଡି-ଜିନିରିଓ ଠାରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀ ମୋଦୀ ଶାନ୍ତି ଓ ସୁରକ୍ଷା, ବହୁବାଦର ସଶକ୍ତିକରଣ, କୃତ୍ରିମ ବୁଦ୍ଧିମତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ବିଶ୍ୱ ସ୍ୱାସ୍ଥ୍ୟ, ଅର୍ଥନୈତିକ ତଥା ଆର୍ଥିକ ପ୍ରସଙ୍ଗ ଉପରେ ସଦସ୍ୟ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ମତ ବିନିମୟ କରିବେ ।

ସେହିଭଳି ଶ୍ରୀ ମୋଦୀ ବ୍ରାସିଲିଆ ଗସ୍ତ କରି ରାଷ୍ଟ୍ରପତି ଲୁଲାଙ୍କ ସହିତ ଦୁଇ ଦେଶ ମଧ୍ୟରେ ବିଭିନ୍ନ ସ୍ୱାର୍ଥ ଜଡ଼ିତ କ୍ଷେତ୍ରରେ ରଣନୈତିକ ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ କରିବା ଉପରେ ଆଲୋଚନା କରିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତ କରିବେ । ଶ୍ରୀ ମୋଦୀ ନାମିବିୟାର ରାଷ୍ଟ୍ରପତି ନାନ୍ଦି-ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିବେ ।

---

## ଆଇଏଇଏ

ଉପସାଗରୀୟ ଅଞ୍ଚଳରେ ବିକିରଣ ସ୍ତର ସ୍ୱାଭାବିକ ରହିଛି ବୋଲି ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା-ଆଇଏଇଏ ର ମହାନିର୍ଦ୍ଦେଶକ ରାଫେଲ ମାରିଆନୋ ଗ୍ରୋସି କହିଛନ୍ତି । ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ୧୨ ଦିନର ସଂଘର୍ଷ ପରିପ୍ରେକ୍ଷୀରେ ଇରାନର ଅନେକ ପରମାଣୁ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି । ଆନ୍ତର୍ଜାତିକ ବିକିରଣ ତଦାରଖ ବ୍ୟବସ୍ଥା ମାଧ୍ୟମରେ ଆଇଏଇଏ କୁ ମିଳିଥିବା

ରିପୋର୍ଟ ଆଧାରରେ ଶ୍ରୀ ଗ୍ରୋସି ଏହା କହିଛନ୍ତି । କୌଣସି କ୍ଷତିଗ୍ରସ୍ତ ପରମାଣୁଶକ୍ତି ରିଆକ୍ଟରରୁ ହେଉଥିବା ବିକିରଣକୁ ଏହି ତଦାରଖ ବ୍ୟବସ୍ଥା ମାଧ୍ୟମରେ ଅନୁଧ୍ୟାନ କରାଯାଇଥାଏ । ଆଇଏଇଏ ସହିତ ହୋଇଥିବା ଚୁକ୍ତି ଅନୁଯାୟୀ, ତଦାରଖ ବ୍ୟବସ୍ଥାର ପ୍ରତିନିଧି ଇରାନରେ ବିକିରଣର ଯାଞ୍ଚ କରିଛନ୍ତି ବୋଲି ଶ୍ରୀ ଗ୍ରୋସି ସୂଚନା ଦେଇଛନ୍ତି ।

## ଆକ୍ସିଡେଣ୍ଟ

ରାଜସ୍ଥାନରେ ଏକ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ୨୧ ନମ୍ବର ଜୟପୁର-ଆଗ୍ରା ଜାତୀୟ ରାଜପଥର ଦଉସାଠାରେ ଗତ ରାତିରେ ଏକ ଟ୍ରକ୍ ଏବଂ କାର୍ ମଧ୍ୟରେ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା । ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ହରିଆଣାର ରୋହତକ୍ ଜିଲ୍ଲାର ସେମାନେ ବାସିନ୍ଦା ବୋଲିଜଣାପଡ଼ିଛି ।